# 'ଗ୍ରାମାଲୋକ' ସୃଜନ ପ୍ରତିଭାଙ୍କ ପରିଚୟ ପରିବ୍ୟାପ୍ତ କରିବ

ରାୟଗଡ଼ା ଅଫିସ,୧୯।୬

ଜୀବନ ହିଁ ସାହିତ୍ୟ ଓ ସାହିତ୍ୟ ହିଁ ଜୀବନ। ଯେଉଁ ସୃଜନ ଜୀବନର କଥା, ସେହି ସୃଜନ ପାଠକଗ୍ରାହୀ ଅଧିକ ହୋଇପାରେ ବୋଲି ରାୟଗଡ଼ା ଜିଲା ଶିରିଗୁଡା ଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ଗ୍ରାମାଲୋକ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ପଞ୍ଚବଟୀର ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବିଗ୍ୱାନ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଆଦିବାସୀ ନେତ୍ରୀ ତଥା ସାହିତ୍ୟିକା ବିଦ୍ୟୁତଲତା ହୁଇକା ଉଦ୍‌ଘାଟନ କରି ଜନଜାତି ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧ ଐତିହ୍ୟ ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭିକ ଅଭିଭାଷଣରେ କବି ସୁଶାନ୍ତ ନାୟକ ରାୟଗଡ଼ା




ମାଟିର ସାହିତ୍ୟ ପରିବେଶ ଓ ବୁଦ୍ଧିମନ୍ତ ସାହିତ୍ୟ ସର୍ଜନା ବିଷୟରେ କହିଥିଲେ। ଗ୍ରାମାଞ୍ଚଳର ସାହିତ୍ୟ ପ୍ରତିଭାଙ୍କ ପରିଚୟ ପରିବ୍ୟାପ୍ତ କରିବା ଲାଗି ଗ୍ରାମାଲୋକ ଏକ ବଳିଷ୍ଠ ମଞ୍ଚ ବୋଲି ଅଭିହିତ କରିଥିଲେ।

ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ତଥା ପ୍ରବନ୍ଧକାର କ୍ଷିତୀ ଚନ୍ଦ୍ର ସାହୁ ଯୋଗଦେଇ ଜୀବନର କଥା ଓ ବ୍ୟଥାକୁ ସାହିତ୍ୟ କହୁଥିବାରୁ ସମାଜ ନିକଟରେ ସାହିତ୍ୟ ଚିର ଜୀବନ୍ତ ହୋଇ ରହିଛି ବୋଲି କହିଛନ୍ତି। ସାହିତ୍ୟ ହିଁ ଜଡ଼ ଭିତରେ ଜୀବନ ସଞ୍ଚାର କରିପାରେ। ଏ ଦିଗରେ ରାୟଗଡ଼ା ମାଟି ଓ ଏହାର ସାହିତ୍ୟିକ ମାନେ ବିଭିନ୍ନ ସମୟରେ ସାହିତ୍ୟ ଜଗତକୁ ବୁଦ୍ଧିମନ୍ତ କରି ଆସୁଛନ୍ତି ବୋଲି ସେ କହିଛନ୍ତି। ଗ୍ରାମାଲୋକ କାର୍ଯ୍ୟକ୍ରମରେ ରାୟଗଡ଼ାର ନିର୍ବାଚିତ କବି ପ୍ରଫୁଲ୍ଲ ପାଢ଼ୀ କବିତା 'ନିଦ ନ ଥିବା ରାତି', କବି ବିମଳ ଚାନ୍ଦ ପଟ୍ଟନାୟକ କବିତା 'ଧନୀ ଅପା ଆବୃତ୍ତି' କରିଥିଲେ। ଗଳ୍ପିକ ରାମ ପ୍ରସାଦ ବିଶୋଇ 'ହାଇ ବେ', ନୀଳମଣି ପାଟଯୋଶୀ 'ନିଶବ୍ଦ ଯନ୍ତ୍ରଣା' ଏବଂ ଗଳ୍ପିକା ତ୍ରିବେଣୀ ମିଶ୍ର 'କାନଫୁଲ' ପାଠ କରିଥିଲେ।

## ସାହିତ୍ୟ ଏକାଡେମୀର ଗ୍ରାମାଲୋକ କାର୍ଯ୍ୟକ୍ରମ

ସମସ୍ତ ବିଗ୍ୱାନ ବିଦ୍ୟାଳୟର ପରିଚାଳକ କିରଣ ଲାଡେ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ମମିତା ଦାସ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଲେଫ୍ଟନାଣ୍ଟ ଉଦୟ ନାୟକ, କବି ବିପିନ ବିଶ୍ୱାଳ, ଜୟଦେବ ସିଠ, ଅରୁଣ ଲେଙ୍କା, ଅରୁଣ କୁମାର ପାଣିଗ୍ରାହୀ, ମହାଶ୍ୱେତା ପାଣିଗ୍ରାହୀ, କଲ୍ୟାଣୀ ସାସମଲ, ପ୍ରଶାନ୍ତି ସାହୁ, ରବି ଶତପଥି, ମଞ୍ଜୁଶ୍ରୀ ମୁଖାର୍ଜୀ, ସୁବାସ ସାହୁ, ପଦ୍ମିନୀ ମିଶ୍ରଙ୍କ ସମେତ ରାୟଗଡ଼ା କଲେଜ ଓ ବିଗ୍ୱାନ ସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠ ସମାରୋହ ଅନୁଷ୍ଠିତ ହୋଇଥିଲା।